# Akashvani, Sambalpur

## SAMBALPURI NEWS EVENING BULLETIN

## 20 February 2025- 7.02 pm- 7.12 pm.

*********************************************

୧- ହୀରାକୁଦ୍ ଜଲ୍ଭଣ୍ଡାର୍ର ଥିତି ସମୀକ୍ଷାକେ ନେଇକରି ଖୋବ୍ ଜଲ୍ଦି ହେବା ସର୍ଭେ- ବିଧାନ୍ସଭା ନ କହେଲେ ମୁଖ୍ୟମନ୍ତ୍ରୀ ।

୨- ରାଏଜେ ଆଉ ୯ ଟା ଆଂଚଲିକ୍ ବିମାନ୍ ବନ୍ଦର୍ର ବିକାଶ୍ ଲାଗି  ସର୍କାର୍ କରୁଛନ୍ ଯୋଜ୍ନା ।

୩- ରାଏଜେ ଆଏବା କାଏଲ୍ନୁ ମୁଲ୍ ହେବା ମେଟ୍ରିକ୍ ପରୀକ୍ଷା ।

- ୩ ହଜାର୍ ୨ ୯ ଟା କେନ୍ଦ୍ର ନ ପରୀକ୍ଷା ଦେବେ ୫ ଲାଖ୍ନୁ ଅଏଡ୍କା ଛାତ୍ରଛାତ୍ରୀ ।

୪- ଅଣସଂକ୍ରାମକ ରୋଗ୍ର ମୁକାବିଲା ଲାଗି ସାରା ଦେଶେ ମୁଲ୍ ହେଲା ଖାସ୍ ଅଭିଯାନ୍ ।

ଆଉର୍

୫- ଜାତୀୟ ବରିଷ୍ଠ ପୁରୁଷ କବାଡ଼ି ଚମ୍ପିଆନ୍ସିପ୍ କଟକ୍ ନ ହେଲା ମୁଲ୍ ।

ହୀରାକୁଦ୍ ଡେମ୍‌ର ଫାଟ        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ହୀରାକୁଦ୍ ଡେମ୍‌ର ଫାଟ ସ୍ଥିତି ଅନୁଧାନ୍ କର୍‌ବାର୍ ଲାଗି କେନ୍ଦ୍ରୀୟ ମୃତିକା ଆଉ ସାମଗ୍ରୀକ ଗବେଷଣା କେନ୍ଦ୍ର ଅନୁସନ୍ଧାନ୍ ସାରିକରି ହୀରାକୁଦ୍ ଡେମ୍‌ର ଯାଂଚ୍ ରିପୋର୍ଟ ଦେଇଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ବିଧାନ୍‌ସଭା ନ ବିଧାୟକ୍ ସିଦ୍ଧାନ୍ତ ମହାପାତ୍ରଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ତଦନ୍ତ୍ ରିପୋର୍ଟଥି ସ୍ପିଲ୍‌ୱେ କଂକ୍ରିଟ୍‌ର ଗୁଣବତା ସନ୍ତୋଷ୍ ଜନକ୍ ରହିଛେ । ନଜର୍‌କେ ଆସିଥିବାର୍ ଫାଟମାନ୍‌କର୍ ମରାମତି ଲାଗି ଡିଆର୍‌ଆଇପି - ଥ୍ରି ଅଧୀନ୍‌ଥି ପାଏନ୍ ଭିତ୍‌ରେ, ସ୍ଥଲ୍‌ଭାଗ୍ ଆର୍ ଆକାଶ୍‌ମାର୍ଗ ନୁ ସର୍ଭେ କରାଯିବା । ଇଥିର୍‌ଲାଗି କେବିନେଟ୍‌ର ସ୍ୱୀକୃତୀ ନିଆଯାଇଛେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ବିମାନ୍ ବନ୍ଦର୍- ବିଧାନ୍‌ସଭା        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସର୍‌କାର୍ ରାଏଜେ ୯ ଟା ଆଂଚଲିକ୍ ବିମାନ୍ ବନ୍ଦର୍ ମାନ୍‌କର୍ ବିକାଶ୍ କର୍‌ବାର୍ ଲାଗି ନିଷ୍ପତି ନେଇଛନ୍ ବଲି ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ । ଆଏଜ୍ ବିଧାନ୍‌ସଭା

ନ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ ଯେ, ଉଡ଼ାନ୍ ଯୋଜ୍ନାଥି ଲାଇସେନ୍ସ ପାଇଥିବା କୋରାପୁଟ୍ ଜିଲ୍ଲାର୍ ଜୟପୁର୍ ଠାନେ ଗୁଟେ ପୂର୍ଣ୍ଣାଙ୍ଗ ଟୁ-ବି ବର୍ଗର୍ ବିମାନ୍ ବନ୍ଦର୍ ତିଆର୍ କରାଯାଇଛେ । ଜୟପୁର୍ ବିମାନ୍ ବନ୍ଦର୍‌କେ ଟୁ-ବି ନୁ ଥ୍ରି-ସି ବର୍ଗକେ ଉନ୍ନିତ୍ କର୍‌ବାର୍‌କେ ୨ ଶହ ୨୯ ଦଶ୍‌ମିକ୍ ୪ ଏକଡ଼୍ ଘରୋଇ ଜମି ଅଧିଗ୍ରହଣ୍ କର୍‌ବାର୍ ଲାଗି ଅନୁମୋଦନ୍ କରାଯାଇଛେ । ଏଛେନ୍‌ତକ୍ ଇତାର୍ ବିକାଶ୍ ଲାଗି ୬୫ ଦଶ୍‌ମିକ୍ ୪ କୋଟି ଟଙ୍କା ଦିଆଯାଇଛେ । ସେନ୍ତା ତୁଷ୍‌ରା ଏୟାର୍‌ଷ୍ଟ୍ରିପ୍‌କେ ଟୁ-ବି ବର୍ଗନୁ ଉନ୍ନତି କର୍‌ବାର୍ ଲାଗି ୬୫ କୋଟି ଟଙ୍କା ଅନୁମୋଦନ୍ କରାଯାଇଛେ । ଏଛେନ୍ ଇ ଏୟାର୍‌ଷ୍ଟ୍ରିପ୍‌ର ସମ୍ପ୍ରସାରଣ୍ ଲାଗି ଦର୍‌କାର୍ ପଡୁଥିବା ବେସର୍‌କାରୀ ଜମି ଅଧିଗ୍ରହଣ୍ ଆର୍ ସର୍‌କାରୀ ଜମିର୍ ହସ୍ତାନ୍ତରଣ୍ କାମ୍ ଚାଲିଛେ ବଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ ।

ବିଧାନ୍‌ସଭା-ଜଳପ୍ରକଳ୍ପ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ୩୧ ଟା ବୃହତ୍ ଜଳପ୍ରକଳ୍ପ ଆର୍ ୨୭ ଟା ବେରେଜ୍ ତିଆର୍ କରାଯିବା ବଲି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍

ମୁକେଶ୍ ମହାଲିଙ୍ଗ୍ କହିଛନ୍ । ବିଧାନ୍‌ସଭା ନ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍ ଯେ, ରାଏଜେ ୭୯ ଟା କ୍ଷୁଦ୍ର ଜଳପ୍ରକଳ୍ପ ଆର୍ ୭୨ ଟା ନଏଦ୍ ଭିତ୍‌ରର୍ ବନ୍ଧା ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ଇସବୁଥିର୍‌ଲାଗି ୫୧ ହଜାର୍‌କୋଟି ଟଙ୍କା ଖର୍ଚ୍ଚା ହେବା ବଲି ଜନାପଡ଼ିଛେ । ଜଲ୍‌ସମ୍ପଦ୍ ବିଭାଗ୍ ତର୍‌ଫୁ ଇଥିର୍‌ଲାଗି ତିୟାରି କରାଯାଇଛେ । ଟେଣ୍ଡର୍ ବାବଦ୍ ଭିନ୍ ଭିନ୍ ପ୍ରସଙ୍ଗ ଉପ୍‌ରେ ବିଭାଗୀୟ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରାଯିବା ବଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ ବିଧାନ୍‌ସଭା ନ ସୂଚ୍‌ନା ଦେଇଛନ୍ ।

ବାତ୍ୟା ଆଉ ବନ୍ୟା ଆଶ୍ରୟସ୍ଥଲୀ -ରାଜସ୍ୱ ମନ୍ତ୍ରୀ    ଭୁବ୍‌ନେଶ୍ୱର୍

ରାଏଜେ ବିପର୍ଯ୍ୟୟ ପରିଚାଲନା ଲାଗି ଆଉ ୫ ଶହ ଟା ବାତ୍ୟା ଆଶ୍ରୟସ୍ଥଲୀ ତିଆର୍ କରାଯିବା ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଆଏଜ୍ ବିଧାନ୍‌ସଭା ନ ବିଜେଡ଼ି ବିଧାୟକ୍ ପ୍ରତାପ୍ ଦେବଙ୍କର୍ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ଇ ଆର୍ଥିକ୍ ବଛ୍‌ରେ ଇତାର୍ ମରାମତି ଲାଗି ରାଜସ୍ୱ ବିଭାଗ୍ ୪୮ କୋଟି ୭୨ ଲାଖ୍ ଟଙ୍କା ଭିନ୍ ଭିନ୍ ଜିଲ୍ଲାକେ

ଦେଇଛନ୍ । ମନ୍ତ୍ରୀ କହିଛନ୍ ଯେ, ୯ ଶହ ୯ ଟା ବହୁମୁଖୀ ବାତ୍ୟା ଆଉ ବନ୍ୟା ଆଶ୍ରୟସ୍ଥଳୀ ଭିତ୍ରୁ ୬ ଶହ ଟା ବାତ୍ୟା ଆର୍ ୩ ଶହ ୯ ଟା ବନ୍ୟା ଆଶ୍ରୟସ୍ଥଳୀ ରହିଛେ । ଆଏବାଦିନେ ଭିନ୍ ଭିନ୍ ଜିଲ୍ଲାନ ନୂଆଁ ଆଶ୍ରୟସ୍ଥଳୀ ବନାବାର୍ ଲାଗି ବିଭାଗ୍ ଲକ୍ଷ୍ୟ ରଖିଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ବିଧାନ୍‌ସଭା- ସୁନା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ୨ ଟା ଜିଲ୍ଲା ନ ସୁନାଖଣି ମିଲିଥିବା ଖଣିମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ସୂଚ୍‌ନା ଦେଇଛନ୍ । ବିଧାନ୍‌ସଭା ନ ଆଏଜ୍ ଗୁଟେ ପ୍ରଶ୍ନର୍ ଲିଖିତ୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ଜେନା କହିଛନ୍, ଦେବ୍‌ଗଡ଼୍ ଜିଲ୍ଲାର୍ ଆଡ଼ାଶ ରମାପଲ୍ଲୀ ଆର୍ କେନ୍ଦୁଝର୍ ଜିଲ୍ଲାର୍ ଗୋପୁର- ଗଜିପୁର୍ ଇଲାକା ନ ଇତାର୍ ଖୋଜ୍ ହେଇଛେ । ଦେବ୍‌ଗଡ଼୍ ଜିଲ୍ଲାର୍ ଆଡ଼ାଶ, ରମାପଲ୍ଲୀ ଇଲାକା ନ ଭୂବୈଜ୍ଞାନିକ୍ ସଂସ୍ଥା ଜରିଏ ଜି-ଟୁ ସ୍ତର୍‌ଥି ଅନୁସନ୍ଧାନ୍ କାମ୍ ଶେଷ୍ ହେଇଛେ । ସେଆଡ଼େ କେନ୍ଦୁଝର୍ ଜିଲ୍ଲା ଗୋପୁର୍-ଗଜିପୁର୍ ଇଲାକା ନ ଜି-୩ ସ୍ତର୍‌ର ଅନୁସନ୍ଧାନ୍‌ଥି ସନ୍ତୋଷ୍‌ଜନକ୍ ଫଲାଫଲ୍ ମିଲିଛେ । ଚୂଡ଼ାନ୍ତ ରିପୋର୍ଟ ମିଲ୍‌ବାର୍ ଉତ୍ରୁ ବୈଷୟିକ କମିଟିର୍ ସୁପାରିଶ୍

ଆଧାର୍‌ଥି ପଦକ୍ଷେପ୍ ନିଆଯିବା ବଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ ।

ବିଧାନ୍‌ସଭା- ସାନ୍ତାଲି ଭାଷା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଇ ବଛର୍ ସାନ୍ତାଲି ଭାଷାକେ ଶହେ ବଛର୍ ପୁରୁଥିବାର୍‌ନୁ ରାଜ୍ୟସ୍ତର୍‌ଥି ଶତବାର୍ଷିକୀ ପାଲନ୍ ଲାଗି ବିଜେପି ବିଧାୟକ୍ ଭାଦବ୍ ହାଁସ୍‌ଦା କହିଛନ୍ । ବିଧାନ୍‌ସଭା ନ ଶୂନ୍ୟକାଳଥି ଆଏଜ୍ ଇ ବାବ୍‌ଦେ ଶ୍ରୀ ହାଁସ୍‌ଦା କହିଛନ୍, ପଣ୍ଡିତ ରଘୁନାଥ ମୁର୍ମୁ ୧୯୨୫ ମସିହାଥି ସାନ୍ତାଳୀ ଭାଷାର୍ ମୁଲ୍ କରିଥିଲେ । ୨୦୦୩ ମସିହାଥି ଆଘର୍ ପ୍ରଧାନ୍‌ମନ୍ତ୍ରୀ ଅଟଲ୍ ବିହାରୀ ବାଜପେୟୀ ଇ ଭାଷାକେ ସମ୍ବିଧାନ୍‌ର ଅଷ୍ଟମ ଅନୁଚ୍ଛେଦଥି ସାମିଲ୍ କରିଥିଲେ । ସେଥିର୍‌ଲାଗି ଇ ଭାଷାର୍ ରାଜ୍ୟସ୍ତରୀୟ ଶହେବଛର୍ ପୂର୍ତି ପାଲନ୍ ସହେତେ ପ୍ରାଥମିକ ସ୍ତର୍‌ନୁ ବିଶ୍ୱବିଦ୍ୟାଳୟ ତକ୍ ସାନ୍ତାଳୀ ଭାଷାଥି ପାଠ୍‌ପଢ଼ାବାର୍ ଲାଗି ବିଧାୟକ୍ ଶ୍ରୀ ହାଁସ୍‌ଦା ଦାବି କରିଛନ୍ ।

ଦିଲ୍ଲୀ ନୂଆଁ ମୁଖ୍ୟମନ୍ତ୍ରୀ I&PR

ଦିଲ୍ଲୀର୍ ୪ ନମ୍ବର୍ ମହିଳା ମୁଖ୍ୟମନ୍ତ୍ରୀ ଆଉ ବିଜେପି ତରଫ଼ୁ ୨ ନମ୍ବର୍ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଆଏଜ୍ ରେଖାଗୁପ୍ତା ଶପଥ୍ ଗ୍ରହଣ୍ କରିଛନ୍ । ଦିଲ୍ଲୀର୍ ରାମ୍‌ଲୀଲା ମଇଦାନ୍ ନ ରାଜ୍ୟପାଲ୍ ଭି.କେ. ସକ୍‌ସେନା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତା ଆଉ ଉପମୁଖ୍ୟମନ୍ତ୍ରୀ ଭାବେ ପର୍‌ବେଶ୍ ବର୍ମାଙ୍କୁ ପଦ ଆଉ ଗୋପନୀୟତାର୍ ଶପଥ୍ ପାଠ୍ କରେଇଛନ୍ । ଇ ଅବ୍‌ସରେ ଅଲ୍‌ଗା ୬ ଝନ୍ ମନ୍ତ୍ରୀ ଭିଲ୍ ଶପଥ୍ ଗ୍ରହଣ୍ କରିଛନ୍ । ଶପଥ୍ ଗ୍ରହଣ୍ ସମାରୋହଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ସହେତେ ଏନ୍‌ଡିଏ ଶାସିତ ଭିନ୍ ଭିନ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀ ଆଉ ଉପମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ୍ ଥିଲେ ।

ମେଟ୍ରିକ୍ ପରୀକ୍ଷା ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ମେଟ୍ରିକ୍ ପରୀକ୍ଷା ଆଏବା କାଏଲ୍‌ନୁ ମୁଲ୍ ହେବା । ଇ ବଛର୍ ୩୦ ଟା ଜିଲ୍ଲାର୍ ୩ ହଜାର୍ ୨୯ ଟା ପରୀକ୍ଷା କେନ୍ଦ୍ର ନ ୫ ଲାଖ୍ ୨୦ ହଜାର୍ ୬ ଶହ ୪୯ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ମେଟ୍ରିକ୍

ପରୀକ୍ଷା ସହେତେ ରାଜ୍ୟମୁକ୍ତ ବିଦ୍ୟାଳୟ ଆଉ ସଂସ୍କୃତ ମଧ୍ୟମା ପରୀକ୍ଷା ଆଏବା କାଏଲ୍‌ନୁ ମୁଲ୍ ହେଇକରି ମାର୍ଚ୍ଚ ୬ ତାରିଖ୍‌ତକ୍ ଚାଲ୍‌ବା । ଇଥିର୍‌ଲାଗି ପରୀକ୍ଷା କେନ୍ଦ୍ରମାନ୍‌କେ ପରୀକ୍ଷା ପରିଚାଳନା ବ୍ୟବସ୍ଥା ବାବ୍‌ଦେ ବୋର୍ଡ଼ ତର୍‌ଫୁ ବଛାଯାଇଥିବା ନୋଡ଼ାଲ୍ ସେଂଟର୍ ଆର୍ ସମ୍ବେଦନ୍‌ଶୀଲ୍ ପରୀକ୍ଷାକେନ୍ଦ୍ରମାନ୍‌କେ ଲାଇଭ୍ ଷ୍ଟ୍ରିମିଂ ବ୍ୟବସ୍ଥାର୍ ଆଏଜ୍ ଅନୁଧ୍ୟାନ୍ କରାଯାଇଛେ । ବୋର୍ଡ଼ କର୍ତୃପକ୍ଷ ଆଉ ଦାୟିତ୍ୱଥି ଥିବା ଅଲ୍‌ଗା ଅଧିକାରୀମାନେ ୬ ଶହ ଟା କେନ୍ଦ୍ର ନ ଲାଇଭ୍ ଭିଡ଼ିଓ ବ୍ୟବସ୍ଥାର୍ ତଦାରଖ୍ କର୍‌ବେ । ୩ ହଜାର୍ ଶହେ ୩୩ ଟା ପରୀକ୍ଷା କେନ୍ଦ୍ର ନ ସିସିଟିଭି ବ୍ୟବସ୍ଥା କରାଯାଇଛେ । ୨ ଶହ ୮୬ ଟା ସମ୍ବେଦନ୍‌ଶୀଲ୍ ପରୀକ୍ଷା କେନ୍ଦ୍ର ଆଉ ୩ ଶହ ୧୪ ଟା ନୋଡାଲ୍ ସେଂଟର୍‌ର ଭିଡ଼ିଓ ଲାଇଭ୍ ଷ୍ଟ୍ରିମିଂ ଜରିଏ ସମୀକ୍ଷା କରାଯିବା । ପରୀକ୍ଷାକେ ଠିକ୍ କରି ପରିଚାଳନା କର୍‌ବାର୍ ଲାଗି ୪ ଥାକିଆ ସ୍କ୍ୱାର୍ଡ଼ ବ୍ୟବସ୍ଥା ସହେତେ ଶହେ ୭୨ ଟା ଟିମ୍ ଗଠନ୍ କରାଯାଇଛେ ବଲି ବୋର୍ଡ଼ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଛାତ୍ରୀମୃତ୍ୟୁ ଘଟ୍‌ନା-ଉଚ୍ଚଶିକ୍ଷାମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍‌ର ଗୁଟେ ଘରୋଇ ବିଶ୍ୱବିଦ୍ୟାଲୟ ନ ଗୁଟେ ନେପାଲୀ ଛାତ୍ରୀଙ୍କର୍ ମୃତ୍ୟୁ ଆର୍ ତାର୍ ଉତ୍‌ରର୍ ଘଟ୍‌ନାକେ ନଜର୍‌ଥି ରଖିକରି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଥିତିର୍ ଅନୁଧାନ୍ କରିଛନ୍ । ଛାତ୍ରଛାତ୍ରୀମାନ୍‌କର୍ ସହାୟତା ଲାଗି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ୪ ଟା ହେଲ୍ପ ଲାଇନ୍ ନମ୍ବର୍ ୦୬୭୪-୨୩୯୬୫୫୦, ୨୩୨୩୪୦୧, ୨୩୨୩୪୦୨, ୨୩୨୩୪୦୩ ଜାରି କରାଯାଇଛେ । ଇତାର୍‌ସହେତେ ଗୁଟେ ହ୍ୱାଟ୍‌ସ୍‌ଆପ୍ ନମ୍ବର୍ ୯୧୨୪-୬୨୦-୬୦୫ ଭିଲ୍ ବିଭାଗ୍ ତର୍‌ଫୁ ଜାରି କରାଯାଇଛେ । ଇ ବାବ୍‌ଦେ ବୈଷୟିକ ମନ୍ତ୍ରୀ ସମ୍ପଦ୍ ସ୍ୱାଇଁ ଛାତ୍ରଛାତ୍ରୀମାନ୍‌କୁ ଫିରି ଆସ୍‌ବାର୍‌କେ ନିବେଦନ୍ କରିଛନ୍ । ରାଜ୍ୟ ସର୍‌କାର୍ ଗୁଟେ ଉଚ୍ଚସ୍ତରୀୟ କମିଟି ଗଠନ୍ କର୍‌ବାର୍ ସହେତେ ରାଜ୍ୟ ଗୃହ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ବିଶ୍ୱବିଦ୍ୟାଲୟର୍ କେମ୍ପସ୍‌କେ ଯାଇକରି ଘଟ୍‌ନାର୍ ଥିତି ଅନୁଧାନ୍ କରିଛନ୍ ବଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ ।
(ଭଏସ୍ ଓଭର୍- ସମ୍ପଦ୍ ସ୍ୱାଇଁ)

ଅଣସଂକ୍ରାମକ ରୋଗ- ସ୍ୱତନ୍ତ୍ର ଅଭିଯାନ୍ ଆର୍‌ଏନ୍‌ୟୁ/ କଟକ୍

ଦେଶେ ଅଣସଂକ୍ରାମକ ରୋଗ- ଏନ୍‌ସିଡି ର ମୁକାବିଲା ଲାଗି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରଣାଲୟ ତର୍‌ଫୁ ଗୁଟେ ସ୍ୱତନ୍ତ୍ର ଅଭିଯାନ୍ ଆଏଜ୍‌ଠାନୁ ମୁଲ୍ କରାଯାଇଛେ । ମାର୍ଚ୍ଚ ୩୧ ତାରିଖ୍‌ତକ୍ ଚାଲ୍‌ବାର୍‌କେ ଥିବା ଇ ଅଭିଯାନ୍‌ଥି ମଧୁମେହ, ଉଚ୍ଚରକ୍ତଚାପ, ମୁଖ, ସ୍ତନ ଆଉ ଜରାୟୁ କର୍କଟ ରୋଗର ପରୀକ୍ଷା କରାଯିବା । ଇ ଅଭିଯାନ୍ ସାରା ଦେଶେ ଭିନ୍ ଭିନ୍ ସ୍ୱାସ୍ଥ୍ୟ କେନ୍ଦ୍ର ଆର୍ ଆୟୁଷ୍ମାନ୍ ଆରୋଗ୍ୟମନ୍ଦିର୍ ମାନ୍‌କେ କାର୍ଯ୍ୟକାରୀ ହେବା ବଲି ସ୍ୱାସ୍ଥ୍ୟମନ୍ତ୍ରଣାଲୟ ତର୍‌ଫୁ କୁହାଯାଇଛେ । ଇଥିର୍‌ଲାଗି ତାଲିମ୍ ପାଇଥିବା ଆଶା, ଏଏନ୍‌ଏମ୍ ଆର୍ ଅଙ୍ଗନବାଡ଼ି କର୍ମୀମାନେ ଘର୍‌ଘର୍ ଯାଇକରି ଲୁକ୍‌କର୍ ସ୍ୱାସ୍ଥ୍ୟ ପରୀକ୍ଷା କର୍‌ବେ । ଅଭିଯାନ୍‌ର ସଫଲ୍ ରୂପାୟନ୍ ଲାଗି ବ୍ଲକ୍, ଜିଲ୍ଲା ଆର୍ ରାଜ୍ୟସ୍ତର୍ ନ ନୋଡ଼ାଲ୍ ଅଧିକାରୀମାନ୍‌କୁ ନିଯୁକ୍ତି ଦିଆଯିବା । ଇ ଖାସ୍ ଅଭିଯାନ୍ ଅଣସଂକ୍ରାମକ ରୋଗମୁକ୍ତ ଭାରତ୍ ଗଠନ୍ ଦିଗେ ଗୁଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ବଲି ସ୍ୱାସ୍ଥ୍ୟମନ୍ତ୍ରଣାଲୟ ତର୍‌ଫୁ କୁହାଯାଇଛେ ।

ଜାତୀୟ ବରିଷ୍ଠ ପୁରୁଷ କବାଡ଼ି ଚମ୍ପିଅନ୍‌ସିପ ଆର୍‌ଏନ୍‌ୟୁ/ କଟକ୍

କଟକ୍ ଜବାହାର୍ ଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ଜାତୀୟ ବରିଷ୍ଠ ପୁରୁଷ କବାଡ଼ି ଚମ୍ପିଅନ୍‌ସିପ୍‌ର ୭୧ ନମ୍ବର୍ ସଂସ୍କରଣ୍ ଆଏଜ୍‌ଠାନୁ ମୁଲ୍ ହେଇଛେ। ଉଦ୍‌ଘାଟନୀ ମେଚ୍‌ଥି ଓଡ଼ିଶା ଆର୍ ବିଦର୍ଭ ଦଲ୍ ଭିତ୍‌ରେ ଖେଲ୍ ହେଇଥିଲା। ଆଏଜ୍ ଆଉ ୫ ଟା ମେଚ୍ ଖେଲାଯିବା। ଆଏବା ୨୩ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ପ୍ରତିଯୋଗିତାଥି ସବୁ ରାଜ୍ୟର୍ ପ୍ରତିଯୋଗୀ ଆର୍ ୪ ଟା ବିଭାଗୀୟ ଦଲ୍ ଭାଗ୍ ନେଇଛନ୍। ଓଡ଼ିଶା କବାଡ଼ି ସଂଘ ଆଉ ରାଜ୍ୟ କ୍ରୀଡ଼ା ବିଭାଗ୍‌ର ମିଳିତ୍ ସହଯୋଗ୍‌ଥି ଇ ଚମ୍ପିଆନ୍‌ସିପ୍ ମୁଲ୍ କରାଯାଇଛେ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁନ୍ଦରଗଡ଼, ଢେଙ୍କାନାଳ, ମୟୁରଭଂଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଆଉ ଯାଯପୁର ଜିଲ୍ଲାନ ଘଡ଼୍‌ଘଡ଼ି ସହେତେ ୫୦ ନୁ ୬୦ କିଲୋମିଟର୍ ବେଗଥି ପବନ୍ ବୁହିବାର୍ ସମ୍ଭାବନା ରହିଛେ ବଲି ଭୁବନେଶ୍ୱର ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତରଫୁ ଅନୁମାନ କରାଯାଇଛେ। ଇଥିର୍‌ଲାଗି ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍, ସୁବର୍ଣ୍ଣପୁର୍, ବୌଦ୍ଧ, ବର୍‌ଗଡ଼୍

ସହେତେ ୧୭ ଟା ଜିଲ୍ଲା ଲାଗି ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ ।